# NATIONAL NEWS BULLETIN (ODIA)

## 10 December - 2024

### Morning Bulletin : 7.15 a.m.

*********************************

## ମୁଖ୍ୟ ସମ୍ବାଦ

- ମାନବାଧିକାରର ସୁରକ୍ଷା ଓ ସଂରକ୍ଷଣ ଉଦ୍ଦେଶ୍ୟରେ ଆଜି ସାରା ବିଶ୍ୱରେ ପାଳନ କରାଯାଉଛି ମାନବାଧିକାର ଦିବସ ।
- ରାଷ୍ଟ୍ରୀୟ ଲୋକଅଦାଲତରେ ଚଳିତ ବର୍ଷ ୭ କୋଟି ୭୦ ଲକ୍ଷରୁ ଅଧିକ ମାମଲାର ସମାଧାନ ହୋଇଥିବା ସୂଚନା ।
- ପି.ଏମ୍. ପୋଷଣ ଯୋଜନାରେ ଖାଦ୍ୟ ସାମଗ୍ରୀ ବାବଦ ଖର୍ଚ୍ଚ ୧୩ ଦଶମିକ୍ ୭ ପ୍ରତିଶତ ବୃଦ୍ଧି ।
- ବୀମା ସଖୀ ଯୋଜନାରେ ଚଳିତ ବର୍ଷ ନିଯୁକ୍ତି ପାଇବେ ୨୫ ହଜାର ମହିଳା ବୀମା ଏଜେଣ୍ଟ ।

ଏବଂ

- ମହିଳା ଜୁନିୟର୍ ଏସିଆକପ୍ ହକି ପ୍ରତିଯୋଗିତାରେ ୫-୦ ଗୋଲ୍‌ରେ ମାଲେସିଆକୁ ପରାସ୍ତ କଲା ଭାରତ ।

## ହ୍ୟୁମାନରାଇଟସ୍ ଡେ

ସାରା ବିଶ୍ୱରେ ମାନବାଧିକାରର ସଂରକ୍ଷଣ ନିମନ୍ତେ ଆଜି ମାନବାଧିକାର ଦିବସ ପାଳନ କରାଯାଉଛି । ୧୯୪୮ ମସିହା ଆଜିର ଦିନରେ ଜାତିସଂଘ ସାଧାରଣ ସଭା ଦ୍ୱାରା ମାନବାଧିକାର ସମ୍ପର୍କିତ ଘୋଷଣାନାମା ଗ୍ରହଣ କରାଯାଇଥିଲା ।  ଚଳିତ ବର୍ଷ ମାନବାଧିକାର ଦିବସର ବିଷୟବସ୍ତୁ ରହିଛି, 'ଆମ ଅଧିକାର, ଆମ ଭବିଷ୍ୟତ, ବର୍ତ୍ତମାନ' । ଏହା ମାନବାଧିକାରର କେବଳ ଏକ ଆକାଂକ୍ଷା ନୁହେଁ ବରଂ ଏକ ଉତ୍ତମ ଭବିଷ୍ୟତ ନିର୍ମାଣ ଦିଗରେ ବିଶ୍ୱାସ ଓ ଦୃଢ଼ତାର ସହ ବ୍ୟକ୍ତି ଏବଂ ସମ୍ପ୍ରଦାୟକୁ ସଶକ୍ତ କରିବାର ଏକ ମାଧ୍ୟମ ଭାବେ ଦର୍ଶାଉଛି ।

## ପ୍ରେଜ୍-ହ୍ୟୁମାନ୍ ରାଇଟସ୍ ଡେ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମାନବାଧିକାର ଦିବସ ଅବସରରେ ଆଜି ନୂଆଦିଲ୍ଲୀରେ ଜାତୀୟ ମାନବାଧିକାର ଆୟୋଗଙ୍କ ଦ୍ୱାରା ଆୟୋଜିତ ଏକ ସ୍ୱତନ୍ତ୍ର ସମାରୋହରେ ଉଦ୍‌ବୋଧନ ଦେବେ । ରାଷ୍ଟ୍ରୀୟ ମାନବାଧିକାର ଆୟୋଗ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଚଳିତ ବର୍ଷ ମାନବାଧିକାର ଦିବସ କାର୍ଯ୍ୟକ୍ରମ ପରଦିନ ଏକ ରାଷ୍ଟ୍ରୀୟ ସମ୍ମିଳନୀ ଆୟୋଜନ କରାଯିବ । ଯାହାର ବିଷୟବସ୍ତୁ ରହିଛି, 'ମାନସିକ ସ୍ୱାସ୍ଥ୍ୟ – ଶ୍ରେଣୀ

ଗୃହରୁ କାର୍ଯ୍ୟସ୍ଥଳ ପର୍ଯ୍ୟନ୍ତ' । ପ୍ରତିବର୍ଷ ଡିସେମ୍ବର ୧୦ ତାରିଖକୁ ମାନବାଧିକାର ଦିବସ ରୂପେ ପାଳନ କରାଯାଇଥାଏ ।

## ଏନ୍ଏଚ୍ଆର୍ସି-ହ୍ୟୁମାନ୍ରାଇଟସ୍ ଡେ

ରାଷ୍ଟ୍ରୀୟ ମାନବାଧିକାର ଆୟୋଗର କାର୍ଯ୍ୟକାରି ଅଧ୍ୟକ୍ଷ ବିଜୟ ଭାରତୀ ସୟାନି କହିଛନ୍ତି, ପ୍ରତ୍ୟେକ ବ୍ୟକ୍ତି ଦେଶର ମାନବିକ ଅଧିକାର ସମ୍ପନ୍ନ ସଂସ୍କୃତିର ସୁରକ୍ଷା ଏବଂ ବୃଦ୍ଧି ଦିଗରେ ଦୃଢ଼ତାର ସହ ସର୍ବେ ଭବନ୍ତୁ ସୁଖିନ ଭାବନାକୁ ପାଳନ କରିବାର ଆବଶ୍ୟକତା ରହିଛି । ମାନବାଧିକାର ଦିବସ ପୂର୍ବ ସନ୍ଧ୍ୟାରେ ଏକ ବାର୍ତ୍ତାରେ ଶ୍ରୀମତୀ ସାୟାନି କହିଛନ୍ତି, ଆୟୋଗ ପ୍ରତ୍ୟେକ ବ୍ୟକ୍ତିଙ୍କ ଅଧିକାର ଏବଂ ସେମାନଙ୍କ ମର୍ଯ୍ୟାଦା ରକ୍ଷା ଲାଗି ତଥା ସଶକ୍ତିକରଣ ଓ ପ୍ରୋତ୍ସାହନ ହେତୁ ଉଦ୍ୟମ ଜାରି ରଖିବା ଦିଗରେ ପ୍ରତିବଦ୍ଧତା ପ୍ରଦର୍ଶନ କରିଛନ୍ତି ।

ସେ କହିଛନ୍ତି, ରାଷ୍ଟ୍ରୀୟ ମାନବାଧିକାର ଆୟୋଗ ଭାରତରେ ଏବଂ ସାରା ବିଶ୍ୱରେ ମାନବାଧିକାରକୁ ବୃଦ୍ଧି କରିବା ଉଦ୍ଦେଶ୍ୟରେ ପ୍ରତିବଦ୍ଧ ଅଟନ୍ତି । ଏହି ଦିଗରେ ବିଶେଷ ଭାବେ ପଛୁଆ ଏବଂ ବିକାଶଶୀଳ ଦେଶରେ ଅନ୍ୟ ରାଷ୍ଟ୍ରୀୟ ମାନବାଧିକାର ସଂସ୍ଥାଗୁଡ଼ିକ ସହ ମିଶି ଭାରତର ମାନବାଧିକାର ଆୟୋଗ କାର୍ଯ୍ୟ କରୁଛି ବୋଲି ସେ କହିଛନ୍ତି । ଶ୍ରୀମତୀ

ବିଜୟା ଭାରତୀ ସୟାନି କହିଛନ୍ତି, ରାଷ୍ଟ୍ରୀୟ ମାନବାଧିକାର ଆୟୋଗ ଗତ ତିନି ଦଶକରେ ମାନବାଧିକାର ସମ୍ବନ୍ଧିତ ବିଭିନ୍ନ ମାମଲା ଗୁଡ଼ିକର ସମାଧାନ କ୍ଷେତ୍ରରେ ନିଜର ପାରଦର୍ଶିତା ଦେଖାଇ ପାରିଛି ।

ଶ୍ରୀମତୀ ସୟାନି କହିଛନ୍ତି, ମାନବାଧିକାର ଦିବସ ଏହା ନିଶ୍ଚିତ କରେ ଯେ ପ୍ରତ୍ୟେକ ବ୍ୟକ୍ତି ଜନ୍ମ ହେବା ସହ ନିଜ ମୌଳିକ ଅଧିକାର ଗୁଡ଼ିକ ଉପଭୋଗ କରିପାରିବେ ।

## ନାଲସା-ଇଣ୍ଟରଭ୍ୟୁ

ଚଳିତ ବର୍ଷ ତିନୋଟି ରାଷ୍ଟ୍ରୀୟ ଲୋକଅଦାଲତରେ ୭ କୋଟି ୭୦ ଲକ୍ଷରୁ ଅଧିକ ମାମଲାର ସମାଧାନ କରାଯାଇଥିବା ସୁପ୍ରିମ୍‌କୋର୍ଟ ବିଚାରପତି ତଥା ରାଷ୍ଟ୍ରୀୟ ଆଇନ୍‌ସେବା ପ୍ରାଧିକରଣ – ନାଲସା ର କାର୍ଯ୍ୟକାରୀ ଅଧ୍ୟକ୍ଷ ଜଷ୍ଟିସ୍ ବି.ଆର୍. ଗଭାଇ କହିଛନ୍ତି । ଏହିସବୁ ଲୋକଅଦାଲତ ଗୁଡ଼ିକରେ ବହୁଦିନ ଧରି ପଡ଼ିରହିଥିବା ମାମଲା ଏବଂ ନ୍ୟାୟିକ ବିବାଦର ସମାଧାନ କରାଯାଇଛି । ମାନବାଧିକାର ଦିବସ ଅବସରରେ ଏକ ସାକ୍ଷାତକାରରେ ଜଷ୍ଟିସ୍ ବି.ଆର୍. ଗଭାଇ କହିଛନ୍ତି, ରାଷ୍ଟ୍ରୀୟ ଆଇନ୍‌ସେବା ପ୍ରାଧିକରଣ ବର୍ଷକୁ ତିନିଥର ରାଷ୍ଟ୍ରୀୟ ଲୋକଅଦାଲତ ଆୟୋଜନ କରିଥାଏ ଏବଂ ଏଥିରେ ଆପୋଷ ବୁଝାମଣା ଜରିଆରେ ଦୀର୍ଘ ଦିନ ଧରି ପଡ଼ି ରହିଥିବା ମାମଲା ଗୁଡ଼ିକର ସମାଧାନ

କରାଯାଇଥାଏ । ସେ କହିଛନ୍ତି, ନାଲସାର ମାର୍ଗଦର୍ଶନ ଅନୁଯାୟୀ ଅନ୍ୟ ଆଇନ୍‌ସେବା ପ୍ରାଧିକରଣ ଗୁଡ଼ିକ ଆବଶ୍ୟକ ସ୍ଥଳେ ଲୋକମାନଙ୍କୁ ନିଶୁଳ୍କ ଆଇନ୍ ସହାୟତା ଯୋଗାଇ ଦେଇଥାନ୍ତି । ଏଥିସହ ମାନବିକ ଅଧିକାରର ସୁରକ୍ଷା ଲାଗି ପ୍ରାଧିକରଣ ପଦକ୍ଷେପ ଗ୍ରହଣ କରିଥାଏ । ସେ କହିଛନ୍ତି, ୨୦୧୨ରେ ଟ୍ରାନ୍ସଜେଣ୍ଡରମାନଙ୍କ ଅଧିକାର ନେଇ ନାଲସା ପକ୍ଷରୁ ସମର୍ଥନ ମିଳିବା ପରେ ସର୍ବୋଚ୍ଚ ନ୍ୟାୟାଳୟରେ ମାମଲା ଦାଏର କରାଯାଇଥିଲା, ଯେଉଁଥିରେ ସେମାନଙ୍କୁ ତୃତୀୟଲିଙ୍ଗୀ ଭାବେ ମାନ୍ୟତା ମିଳିଥିଲା । ଜଷ୍ଟିସ୍ ଗଭାଇଙ୍କ ସହ ଏହି ସାକ୍ଷାତକାର ଆଜି ସନ୍ଧ୍ୟା ୭ଟା ୧୦ ମିନିଟ୍‌ରେ 'ସୁର୍ଖିଓଁ ମେ' କାର୍ଯ୍ୟକ୍ରମରେ ପ୍ରସାରଣ ହେବ ।

## ପୋଷଣ ମେଟେରିଆଲ୍ କଷ୍ଟ

ପ୍ରଧାନମନ୍ତ୍ରୀ ପୋଷଣ ଶକ୍ତି ନିର୍ମାଣ – ପି.ଏମ୍. ପୋଷଣ ଯୋଜନା ଅନ୍ତର୍ଗତ ଖାଦ୍ୟ ସାମଗ୍ରୀ ବାବଦକୁ ଖର୍ଚ୍ଚରେ ୧୩ ଦଶମିକ୍ ୭ ପ୍ରତିଶତ ବୃଦ୍ଧି କରାଯାଇଛି । କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଖାଦ୍ୟ ସାମଗ୍ରୀ ନିମନ୍ତେ ପ୍ରାଥମିକ ଏବଂ ବାଲ୍ ବାଟିକା ଶ୍ରେଣୀ ପାଇଁ ଖର୍ଚ୍ଚ ୫ ଟଙ୍କା ୧୪ ପଇସାରୁ ୬ ଟଙ୍କା ୧୯ ପଇସାକୁ ବୃଦ୍ଧି କରାଯାଇଛି । ସେହିପରି ଉଚ୍ଚ ପ୍ରାଥମିକ ଶ୍ରେଣୀ ପାଇଁ ଏହି ଖର୍ଚ୍ଚ ୮ ଟଙ୍କା ୧୭ରୁ ୯ ଟଙ୍କା ୨୯ ପଇସାକୁ ବୃଦ୍ଧି କରାଯାଇଛି । ଚଳିତ ମାସ ପ୍ରଥମରୁ ଏହି ବର୍ଦ୍ଧିତ ଦର ଲାଗୁ କରାଯାଇଛି । ଏହି ବୃଦ୍ଧି ଯୋଗୁଁ ଚଳିତ ଆର୍ଥିକ

ବର୍ଷରେ କେନ୍ଦ୍ର ସରକାରଙ୍କ ଉପରେ ଅତିରିକ୍ତ ୪୨୫ କୋଟି ଟଙ୍କାର ଆର୍ଥିକ ବୋଝ ପଡ଼ିବ । ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ଏହି ଦର ଲାଗୁ ହୋଇଥିବା ବେଳେ ସେମାନେ ମଧ୍ୟ ଏଥିରେ ଅଧିକ ଅର୍ଥ ପ୍ରଦାନ କରିପାରିବେ ବୋଲି କୁହାଯାଇଛି ।

ପି.ଏମ୍. ପୋଷଣ କେନ୍ଦ୍ର ସରକାରଙ୍କ ଏକ ଯୋଜନା, ଯେଉଁଥିରେ ୧୦ ଲକ୍ଷରୁ ଅଧିକ ସରକାରୀ ଏବଂ ସରକାରୀ ସହାୟତା ପ୍ରାପ୍ତ ବିଦ୍ୟାଳୟ ଗୁଡ଼ିକରେ ବାଲବାଟିକା ଓ ପ୍ରଥମ ଶ୍ରେଣୀରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୧୧ କୋଟି ୭୦ ଲକ୍ଷ ଛାତ୍ରଛାତ୍ରୀଙ୍କୁ ବିଦ୍ୟାଳୟରେ ମୁକ୍ତ ଭୋଜନ ପ୍ରଦାନ କରାଯାଉଛି । ଏହି ଯୋଜନାର ଉଦ୍ଦେଶ୍ୟ ହେଉଛି, ଛାତ୍ରଛାତ୍ରୀମାନଙ୍କ ପୋଷଣ ପ୍ରଦାନ କରିବା ଏବଂ ବିଦ୍ୟାଳୟ ଗୁଡ଼ିକରେ ସେମାନଙ୍କ ଉପସ୍ଥାନ ନିଶ୍ଚିତ କରିବା ।

## ସୀତାରମଣ ବୀମା ସଖୀ

ଆସନ୍ତା ତିନି ବର୍ଷ ମଧ୍ୟରେ ସରକାର ୨ ଲକ୍ଷ ବୀମା ସଖୀ ବା ବୀମା ଏଜେଣ୍ଟ ନିଯୁକ୍ତ କରିବାକୁ ଯୋଜନା ରଖିଛନ୍ତି ବୋଲି ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ କହିଛନ୍ତି । ଗତକାଲି ପାନିପତରେ ବୀମା ସଖୀ ଯୋଜନାର ଶୁଭାରମ୍ଭ ଅବସରରେ ଶ୍ରୀମତୀ ସୀତାରମଣ କହିଛନ୍ତି, ଚଳିତ ବର୍ଷ ୨୫ ହଜାର ବୀମା ସଖୀ ମାନଙ୍କୁ ନିଯୁକ୍ତି ଦିଆଯିବ । ଅର୍ଥମନ୍ତ୍ରୀ କହିଛନ୍ତି, ପ୍ରତ୍ୟେକ ମହିଳା ବୀମା ଏଜେଣ୍ଟ ସ୍ୱଚ୍ଛାସେବୀଙ୍କୁ ପ୍ରଥମବର୍ଷରେ ମାସିକ ୭

ହଜାର ଟଙ୍କା, ଦ୍ୱିତୀୟ ବର୍ଷରେ ମାସିକ ୬ ହଜାର ଟଙ୍କା ଓ ତୃତୀୟ ବର୍ଷରେ ମାସିକ ୫ ହଜାର ଟଙ୍କା ଷ୍ଟାଇପେଣ୍ଡ ପ୍ରଦାନ କରାଯିବ ।

ଗତକାଲି ହରିଆଣାର ପାନିପତ ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବୀମା ସଖୀ ଯୋଜନାର ଶୁଭାରମ୍ଭ କରିଥିଲେ । ଭାରତୀୟ ଜୀବନ ବୀମା ନିଗମ ଏଲ୍.ଆଇ.ସି. ପକ୍ଷରୁ ଆରମ୍ଭ କରାଯାଇଥିବା ବୀମା ସଖୀ ଯୋଜନାରେ ୧୮ରୁ ୭୦ ବର୍ଷ ବୟସର ମହିଳାମାନଙ୍କୁ ସଶକ୍ତ କରିବା ଲାଗି ଲକ୍ଷ୍ୟ ରଖାଯାଇଛି । ଏହି ଅବସରରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ କେନ୍ଦ୍ର ସରକାର ମହିଳାମାନଙ୍କୁ ସଶକ୍ତ କରିବା ଲାଗି ଅନେକ ଗୁଡ଼ିଏ ଯୋଜନା କାର୍ଯ୍ୟକାରୀ କରୁଛନ୍ତି । ସେ କହିଛନ୍ତି, ଚଳିତ ବର୍ଷ ବଜେଟ୍‌ରେ ଦେଶର ମହିଳା ସମ୍ବନ୍ଧୀୟ ଯୋଜନା ନିମନ୍ତେ ୩ ଦଶମିକ୍ ୩ ଲକ୍ଷ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ।

## ପିଏମ୍-ନଏଡ଼ା ଏୟାର୍‌ପୋର୍ଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ନିର୍ମାଣାଧିନ ନଏଡ଼ା ଆନ୍ତର୍ଜାତିକ ବିମାନ ବନ୍ଦର, ରାଷ୍ଟ୍ରୀୟ ରାଜଧାନୀ ସମେତ ଉତ୍ତର ପ୍ରଦେଶରେ ଯାତାୟତ ସଂଯୋଗୀକରଣ ବୃଦ୍ଧି କ୍ଷେତ୍ରରେ ସୁବିଧା ଯୋଗାଇଦେବ । ସାମାଜିକ ଗଣମାଧ୍ୟମ **X**ରେ ପ୍ରଧାନମନ୍ତ୍ରୀ ମୋଦୀ

କହିଛନ୍ତି, ତାଙ୍କ ସରକାର ସାଧାରଣ ଲୋକଙ୍କ ନିମନ୍ତେ ଉଚ୍ଚଗୁଣବତ୍ତା ସମ୍ପନ୍ନ ମୌଳିକଢାଞ୍ଚା ନିର୍ମାଣ ସୁନିଶ୍ଚିତ କରିଛନ୍ତି । ସେ କହିଛନ୍ତି, ଲୋକମାନେ ସମୃଦ୍ଧ ହେବା ସହ ଏହାଦ୍ୱାରା ଲାଭ ପାଇପାରିବେ ।

ଗତକାଲି ନଏଡ଼ା ଆନ୍ତର୍ଜାତିକ ବିମାନ ବନ୍ଦରରେ ପ୍ରଥମଥର ପାଇଁ ସଫଳ ଭାବେ ବିମାନ ଅବତରଣ କରିଥିଲା । ଅବତରଣ କରିବା ପରେ ଦ୍ରୁତ ଗତିରେ ଜଳସିଞ୍ଚନ କରାଯାଇ ଏହାକୁ ସ୍ୱାଗତ କରାଯାଇଥିଲା । ଦିଲ୍ଲୀରୁ ପରୀକ୍ଷା ମୂଳକ ଭାବେ ଉଡ଼ାଣ ଆରମ୍ଭ କରିଥିବା ଏହି ଜାହାଜ ଅପରାହ୍ଣ ଗୋଟାଏ ୩୦ ମିନିଟ୍‌ରେ ଅବତରଣ କରିଥିଲା । ସେଥିରେ ଭାରତୀୟ ବିମାନ ପ୍ରାଧିକରଣର କର୍ମଚାରୀ ଓ ବିଶେଷଜ୍ଞମାନେ ଯାତ୍ରା କରିଥିଲେ । ଅବତରଣ କରିବା ପରେ ବିଶେଷଜ୍ଞମାନେ ଉଡ଼ାଣ ସମୟର ଅନୁଭୂତି ଓ ବୈଷୟିକ ଦିଗ ଗୁଡ଼ିକ ଉପରେ ତଥ୍ୟ ଉପସ୍ଥାପନ କରିଥିଲେ । ପରୀକ୍ଷା ମୂଳକ ଉଡ଼ାଣ ସମୟରେ ଅବତରଣ ପୂର୍ବରୁ ବିମାନଟି ୧୫ ମିନିଟ୍ ପାଇଁ ବିମାନ ବନ୍ଦର ଉପରେ ଉଡ଼ାଣ କରିଥିଲା । ଅବତରଣ କରିବାର ୫ ମିନିଟ୍ ପରେ ପୁଣି ବିମାନଟି ଉଡ଼ାଣ ଆରମ୍ଭ କରିଥିଲା । ଏହିଭଳି ପରୀକ୍ଷଣ ଆସନ୍ତା ୧୫ ତାରିଖ ପର୍ଯ୍ୟନ୍ତ ଜାରି ରହିବ ।

ସୂଚନା ଅନୁଯାୟୀ ଆସନ୍ତା ବର୍ଷ ପ୍ରାରମ୍ଭରେ ନିୟମିତ ଉଡ଼ାଣ ଆରମ୍ଭ ହେବ । ସମ୍ପୃକ୍ତ ବିମାନ ବନ୍ଦରର ୮୫ ପ୍ରତିଶତ କାର୍ଯ୍ୟ ସମ୍ପୂର୍ଣ୍ଣ

ହୋଇଛି । ଘନ କୁହୁଡ଼ି ସମୟରେ ଯେଭଳି ଉଡ଼ାଣ ଓ ଅବତରଣ ସହଜ ହେବ ସେ ନେଇ ବିମାନ ବନ୍ଦରରେ ଆଧୁନିକ ଜ୍ଞାନକୌଶଳ ବ୍ୟବହାର କରାଯାଇଛି । ଏହି ବିମାନ ବନ୍ଦରରେ ତିନି ଦଶମିକ୍ ୯ କିଲୋମିଟର ଲମ୍ବ ରନ୍‌ୱେ ନିର୍ମାଣ କରାଯାଇଛି । ଟର୍ମିନାଲ୍ ଭବନର ନିର୍ମାଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ୩୮ ମିଟର ଉଚ୍ଚ ଏୟାର୍ ଟ୍ରାଫିକ୍ କଣ୍ଟ୍ରୋଲ୍ ଟାୱାର୍ କାର୍ଯ୍ୟ କରିବା ଆରମ୍ଭ କରୁଛି ।

ସୂଚନା ଅନୁଯାୟୀ ଏହି ବିମାନ ବନ୍ଦରରୁ ୬୨ଟି ଘରୋଇ, ୨ଟି ଆନ୍ତର୍ଜାତିକ ଏବଂ ଗୋଟିଏ ପରିବହନ ବିମାନ ପ୍ରତିଦିନ ଉଡ଼ାଣ କରିବ । ନିର୍ମାଣ କାର୍ଯ୍ୟ ଶେଷ ହେବା ପରେ ଏହା ଏସିଆ ମହାଦେଶର ଚତୁର୍ଥ ବୃହତ୍ ବିମାନ ବନ୍ଦର ହେବ ।

## ହକି ଏସିଆ କପ୍

ଓମାନର ମସ୍କଟ୍‌ରେ ଚାଲିଥିବା ମହିଳା ଜୁନିୟର୍ ଏସିଆ କପ୍ ହକି ପ୍ରତିଯୋଗିତାରେ ଭାରତ ମାଲେସିଆକୁ ୫-୦ ଗୋଲ୍‌ରେ ପରାସ୍ତ କରି ଚମତ୍କାର ପ୍ରଦର୍ଶନ ଜାରି ରଖିଛି । ଏହି ପ୍ରତିଯୋଗିତାର ଇତିହାସରେ ଭାରତ ମାଲେସିଆ ବିପକ୍ଷରେ ଲଗାତାର ତୃତୀୟଥର ବିଜୟ ହାସଲ କରିଛି । ଅନୁଷ୍ଠିତ ମ୍ୟାଚ୍‌ରେ ଭାରତ ଖେଳର ତୃତୀୟାର୍ଦ୍ଧରେ ଗୋଲ କରିବାକୁ ସକ୍ଷମ ହୋଇଥିଲା । ଭାରତ ପକ୍ଷରୁ ଖେଳର ୩୨ ମିନିଟ୍‌ରେ

ବୈଷ୍ଣବୀ ଫାଲକେ ପ୍ରଥମ ଗୋଲ୍ କରିଥିଲେ । ପରେ ଖେଳର ୩୭, ୩୯ ଓ ୪୮ ମିନିଟ୍‌ରେ ଦୀପିକା ତିନୋଟି ଗୋଲ୍ କରିଥିଲେ ଏବଂ ୩୮ତମ ମିନିଟ୍‌ରେ କନିକା ଶିୱାଚ୍ ଗୋଟିଏ ଗୋଲ୍ ଦେଇଥିଲେ । ଏହା ପୂର୍ବରୁ ଭାରତ ବାଂଲାଦେଶକୁ ୧୩-୧ ଗୋଲ୍‌ରେ ପରାସ୍ତ କରିଥିଲା । ଏହା ପରେ ଭାରତ ଆସନ୍ତାକାଲି ଚୀନ୍ ସହ ମୁକାବିଲା କରିବ । ଆସନ୍ତାକାଲି ଭାରତୀୟ ସମୟ ରାତି ୮ଟା ୩୦ ମିନିଟ୍‌ରେ ଏହି ମ୍ୟାଚ୍ ଖେଳାଯିବ ।